**ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ**

ପୁରୀ ଅଫିସ: ଟାଉନଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଚକ୍ରକୋଟ ଲେନରେ ଜଣେ ମହିଳାଙ୍କୁ ଅତ୍ୟାଚାର, ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହରଚଣ୍ଡୀ ସାହିରେ ଥିବା ବାବୁ ଓରଫ ରାଧାନାଥ ପଣ୍ଡା (୪୫)। ପୋଲିସ ଅଭିଯୁକ୍ତଠାରୁ ୩ ଫୁଟର ଏକ କାଠ ଜବତ କରିଛି। ଏ ନେଇ ପୋଲିସ ନଂ. ୨୭୪ /୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନାନୁଯାୟୀ, ହରଚଣ୍ଡୀ ସାହି ନିବାସୀ ବାବୁ ଅଧିକାଂଶ ସମୟରେ ସ୍ତ୍ରୀ ଜ୍ୟୋତିଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ସେ ୨୦୧୩ରେ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିବା ସହ କୋର୍ଟରେ କେସ ଚାଲିଛି। ଶୁକ୍ରବାର ଏହି ମାମଲାର ଶୁଣାଣି ତାରିଖ ଥିଲା। ବାବୁ କୋର୍ଟକୁ ନ ଯାଇ ସ୍ତ୍ରୀଙ୍କ ପାଖକୁ ଆସି ଗାଳିଗୁଲଜ କରିବା ସହ ଏକ ବାଡ଼ିରେ ପିଟିବାକୁ ଉଦ୍ୟମ କରିଥିଲେ। ଜ୍ୟୋତିଙ୍କ ଶ୍ୱଶୁର ତାଙ୍କୁ ଉଦ୍ଧାର କରିଥିଲେ। ଫଳରେ ଜ୍ୟୋତି ପୁଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୦୯।୨୦୨୧

| ୪,୫୭,୨୮୮ ଟଙ୍କା | |
|---|---|
| ସୁନା | ୧.୦୫୦ ଗ୍ରାମ |
| ରୁପା | ୨୫.୪୬୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱର୍ଣ୍ଣ ନାରୀ କଲ୍ୟାଣ ପରିଷଦ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ସମାରୋହ, ହୋଟେଲ ପୁଷ୍ପକ, ସକାଳ ୮ଟା ୩୦।
- ଫେଡେରେଶନ ଅଫ୍ ଡେଲି ଟ୍ରେନ ପାସେଞ୍ଜର ଆସୋସିଏଶନ୍ସ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ, ଭୁବନେଶ୍ୱର ରେଳ ଷ୍ଟେଶନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୪ର୍ଥ ସେବା ରତ୍ନ ଆୱାର୍ଡ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା ୩୦।
- ଅନୁସୂଚିତ ଜାତି ଓ ଜନଜାତି ସମନ୍ୱୟ ସମିତି ପକ୍ଷରୁ ଆଲୋଚନାଚକ୍ର, କଳିଙ୍ଗ ବୁଦ୍ଧ ବିହାର, ୟୁନିଟ-୯, ପୂର୍ବାହ୍ନ ୧୧ଟା ୩୦।

**କଟକ**

- କବି ମନମୋହନ ମିଶ୍ରଙ୍କ ଜନ୍ମ ଶତବାର୍ଷିକ ଆଲୋଚନାଚକ୍ର ଓ କବିସନ୍ଧି କାର୍ଯ୍ୟକ୍ରମ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ସୃଜନୀ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକ ସମାରୋହ, ମଙ୍ଗଳା ମନ୍ଦିର ପରିସର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ମଦର ଟେରେସା ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ କୋଭିଡ୍ ଯୋଦ୍ଧା ସମ୍ମାନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚାର ମଶାଲ ଶୋଭାଯାତ୍ରା, ଗୁଣ୍ଡିଚା ମନ୍ଦିରଠାରୁ ମରିଚିକୋଟ, ସନ୍ଧ୍ୟା ୬ଟା।

# 'ଜରୁରୀ ସେବା ପାଇଁ ଅଧିକାରୀ ସଜାଗ ରୁହନ୍ତୁ'

- ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା

ପୁରୀ ଅଫିସ,୨୫।୯:

ସମ୍ଭାବ୍ୟ ବାତ୍ୟା ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏ ନେଇ ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ହୋଇରହିଛି। ଶୁଖିଲା ଖାଦ୍ୟ, ପାନୀୟଜଳ, ଔଷଧ, ପଶୁଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଆବଶ୍ୟକ ସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ଅଗ୍ନିଶମ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଜରୁରିକାଳୀନ ସେବା ଅବ୍ୟାହତ ରଖିବା ପାଇଁ ଅଧିକାରୀମାନେ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ବ୍ଲକରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳ ଓ କଚ୍ଚାଘରୁ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ରବିବାର ଅପରାହ୍ଣରୁ ଜିଲାରେ ଘଣ୍ଟା ପ୍ରତି ୫୫ରୁ ୬୦ କିମି ବେଗରେ ପବନ ବୋହିବା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଅନ୍ୟପକ୍ଷରେ ତଳିଆ ଅଞ୍ଚଳର ଲୋକଙ୍କ ପାଇଁ ସ୍ଥାନାନ୍ତର ଗୃହ ପ୍ରସ୍ତୁତ ରଖାଯାଇଛି। ବର୍ଷା ଓ ପବନର ମାତ୍ରା କ୍ଷତି କରିବା ପୂର୍ବରୁ ଲୋକେ ସୁରକ୍ଷିତ ଭାବେ ସେଠାକୁ ସ୍ଥାନାନ୍ତର ହୋଇପାରିବା ଭଳି ବ୍ୟବସ୍ଥା ହୋଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଜିଲା ପ୍ରଶାସନର ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ଯୋଗାଣ ଅଧିକାରୀ ସୁବୋଧ ହୋତା, ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ।



ସମ୍ଭାବ୍ୟ ବାତ୍ୟା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ପ୍ରସ୍ତୁତି ବୈଠକ ।




ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ଶନିବାର ପୁରୀ ଫାର୍ମାସିଷ୍ଟ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଫାର୍ମାସିଷ୍ଟମାନେ ।

## ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ପ୍ରତିଯୋଗିତା, ସମ୍ମାନ ସମାରୋହ

ପୁରୀ ଅଫିସ, ୨୫।୯:

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଶନିବାର ପୁରୀସ୍ଥିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ପ୍ରତିଯୋଗିତା ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସଙ୍ଗଠକ ବଦ୍ରି ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗୀରେ ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲା ସଂଯୋଜକ ଜୟଶଙ୍କର ଜୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବକ୍ସିଂ କୋଚ୍ ସୁଦର୍ଶନ ସାହୁ, ଆଥଲେଟିକ୍ କୋଚ୍ ରମେଶ ଚନ୍ଦ୍ର ପରିଡ଼ା, ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, ସଙ୍ଗଠକ ବିଶ୍ୱନାଥ ମିଶ୍ର ଏବଂ ରାଜେଶ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀନଦୟାଲଙ୍କ ଜୀବନ ଦର୍ଶନକୁ ନେଇ ଫଟୋ ପ୍ରଦର୍ଶନ ହୋଇଥିଲା। ଦୌଡ଼ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ଦୀପକ ମଲ୍ଲିକ ଓ ମହିଳା ବିଭାଗରେ ପ୍ରଥମ ହୋଇଥିବା ରାଲି ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମୁଦୁଲି, ପବିତ୍ର ଜେନା, ମାନସୀ ବେହେରା ଏବଂ ମମତା ବେହେରା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ

ପୁରୀ ଅଫିସ, ୨୫।୯:

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପୁରୀ ବଡଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳା ପରିସରରେ ଶନିବାର ସ୍ୱଦେଶୀ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ୨୫ରୁ ଅକ୍ଟୋବର୨ ପର୍ଯ୍ୟନ୍ତ ଏହା ପାଳନ କରାଯିବ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଦ୍ୱୈତ କୁମାର ଧଳ, ମୁଖ୍ୟବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଙ୍ଘର୍ଷ ବାହିନୀ ପ୍ରମୁଖ ଶଙ୍ଖିନନ୍ଦନ ଦାଶ ଯୋଗଦେଇ ଦୀନଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ଅଗ୍ରୱାଲ ସଂଯୋଜନା କରିଥିଲେ। ଉପେନ୍ଦ୍ର ବିଶୋଇ, ଅଶୋକ କୁମାର ଦାଶ, ଜଗନ୍ନାଥ କୁଣ୍ଟି, ସସ୍ମିତା ରଥ, ଦେବାଶିଷ ଶତପଥୀ, ତାରାପ୍ରସାଦ ଦାଶ, ଅଜୟ କୁମାର ଦାଶ, ସନ୍ତୋଷ କୁମାର ନନ୍ଦ, ପୂର୍ଣ୍ଣଚନ୍ଦ୍ର ମିଶ୍ର, କମଳ ରଥ, ଅଶୋକ ମହାପାତ୍ର ବିଚିତ୍ର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଗୁରୁ ବନ୍ଦନା, ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨୫।୯(ସ୍ୱ.ପ୍ର.)

ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ତରଫରୁ ପଞ୍ଚସଖା ବିଦ୍ୟାପୀଠ ବନପୁରରେ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ତୈଳ ଚିତ୍ରରେ ଧୂପ ଦ୍ୱୀପ ଓ ମାଲ୍ୟାର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ ମାତୃ ବନ୍ଦନା ସହିତ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀ ସାୟଂସି ସତ୍ୟପ୍ରଜ୍ଞା ଗୁରୁବନ୍ଦନା ଗାନ କରିଥିଲେ। ସଂସ୍ଥାର ପ୍ରମୁଖ ବିଜୟ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନବଘନ ଶତପଥୀ ମୁଖ୍ୟ ଅତିଥି, ପ୍ରାନ୍ତୀୟ ସଂସ୍କାର ସଚିବ ସତ୍ୟବାଦୀ ଦାଶ ପ୍ରମୁଖ ଭାରତ ବିକାଶ ପରିଷଦର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବେଶ୍ୱର ପଟ୍ଟନାୟକ, ଶିକ୍ଷୟିତ୍ରୀ ବୀଣାପାଣି ମହାପାତ୍ର ଓ ଶରତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଣ୍ଣଲତା ନାୟକ, ସୁଜାତା ମଲ୍ଲିକ ଓ ରତ୍ନପର୍ଣ୍ଣା ଦାସଙ୍କୁ ସେମାନଙ୍କ ବିଭିନ୍ନ ପ୍ରତିଭା ପାଇଁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଜସ୍ମିନ ଦାସଙ୍କୁ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଭାରତ ବିକାଶ ତରଫରୁ ପୋଷ୍ୟ ଛାତ୍ରୀ ଭାବେ ଗ୍ରହଣ କରାଯାଇଛି। ବିଷ୍ଣୁ ମହାରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ପ୍ରଧାନ ସେବା ପ୍ରମୁଖ ବ୍ରଜକିଶୋର ପାଇକରାୟ, ଶାଶ୍ୱତ ଦାସ, କାହ୍ନା ପାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।




ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ପୁରୀ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ହେଉ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୫।୯: ପୁରୀ ସହରର ନାମ ଶ୍ରୀଜଗନ୍ନାଥ ଧାମ ପୁରୀ କରାଯିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ଦାବିପତ୍ର ଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବାସସ୍ଥାନ ହେଉଛି ପବିତ୍ର ପୁରୀ। ଏହା ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଧାମ। ପୁରୀର ପୌରାଣିକ ଓ ଧାର୍ମିକ ନାମ ହେଉଛି ଶ୍ରୀଜଗନ୍ନାଥ ଧାମ। ଓଡ଼ିଆ ଜାତି ତଥା ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାର ପ୍ରାଣକେନ୍ଦ୍ର ପୁରୀ। ତେଣୁ ପୁରୀର ନାମ ସହ ଶ୍ରୀଜଗନ୍ନାଥ ଧାମ ପୁରୀ ରଖାଯାଉ। ସେହିପରି ପୁରୀ ରେଳଷ୍ଟେଶନ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ରେଳଷ୍ଟେଶନ କରିବା ନିମନ୍ତେ ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି।

### ଏସ୍‌ସିଏସ୍ କଲେଜରେ ନିଯୁକ୍ତିମେଳା

ପୁରୀ ଅଫିସ, ୨୫।୯: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ବିଭାଗ ସଂଯୋଜନାରେ ବଜାଜ କ୍ୟାପିଟାଲ ଇନସୁରାନ୍ସ ବ୍ରୋକିଂ ଏଲ୍‌ଟିଡି ଦ୍ୱାରା ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡା. ସୁଜାତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିବିଏ ଏବଂ ଏମ୍‌ବିଏ ବିଭାଗର ସଂଯୋଜକ ଡା. ଚିତ୍ତରଞ୍ଜନ ଦ୍ୱିବେଦୀ କ୍ୟାମ୍ପସ୍ ନିଯୁକ୍ତି ପାଇଁ ଛାତ୍ରୀଛାତ୍ର ନିଜକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ବଜାଜ କ୍ୟାପିଟାଲ ଇନ୍‌ସ୍ୟୁରାନ୍ସ ବ୍ରୋକିଂ ଏଲଟିଡିର ମାନବ ସମ୍ବଳ ପୂର୍ବାଞ୍ଚଳ ମୁଖ୍ୟ ଆଶିଷ ବର୍ମା ଏବଂ ଭୁବନେଶ୍ୱର ଶାଖା ମୁଖ୍ୟ ପ୍ରବନ୍ଧକ ପ୍ରସନ୍ନ କୁମାର ପତିଙ୍କ ଉପସ୍ଥିତିରେ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କ ମନୋନୟନ ପ୍ରକ୍ରିୟା ସମ୍ପାଦନ ହୋଇଥିଲା। ଏମ୍‌ବିଏ ବିଭାଗ ମୁଖ୍ୟ ଡା. ସତ୍ୟ ପ୍ରକାଶ ମିଶ୍ର କମ୍ପାନୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ଅଧାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ଅଧାପିକା ବିଜୟଲକ୍ଷ୍ମୀ ଭୋଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଟକ୍କର

ପିପିଲି/ଡେଲାଙ୍ଗ, ୨୫।୯(ସ୍ୱ.ପ୍ର./ଡି.ଏନ୍.ଏ.)



ରୁଦ୍ରପ୍ରତାପ ମହାରଥୀ



ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର



ଆଶ୍ରିତ ପଟ୍ଟନାୟକ

ପିପିଲି ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ପିପିଲି, ଡେଲାଙ୍ଗ ଅଞ୍ଚଳରେ ରାଜନୈତିକ ଦଳଗୁଡ଼ିକର ଜୋରସୋରରେ ପ୍ରଚାର, ସଭା ଚାଲିଛି। ହେଭିୱେଟ ତଥା ବରିଷ୍ଠ ନେତାମାନେ ମଇଦାନକୁ ଓହ୍ଲାଇବା ସହ ନିଜ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପ୍ରତି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କ ପାଇଁ ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସହ ରୁଦ୍ରପ୍ରତାପଙ୍କ ସ୍ତ୍ରୀ ଜାଗୃତି ରୂପଦେଇପୁର ପଞ୍ଚାୟତରେ ସମାବେଶ କରିବା ସହ ପଦଯାତ୍ରା କରି ଏହି ବିଜେଡି ଗଡ଼କୁ ସୁରକ୍ଷିତ ରଖିବାକୁ ଲୋକଙ୍କୁ ବୁଝାଇଥିଲେ। ତେଇସିପୁର ପଞ୍ଚାୟତ ନୂଆଗୋଡି ଓ ପୋଡଙ୍ଗରେ ସମିତିସଭ୍ୟ ଧରଣୀଧର ସାହୁ, ସରପଞ୍ଚ ନରେନ୍ଦ୍ର ଦାଶ, ଶିକ୍ଷାବିତ୍ ରାଜକିଶୋର ପ୍ରଧାନ, ରାଜେଶ ଦାଶ, ଶାନ୍ତିଲତା ପ୍ରଧାନ, ଉମାମଣି ରଥ ପ୍ରମୁଖ ପ୍ରାର୍ଥୀ ରୁଦ୍ରପ୍ରତାପଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଡେଲାଙ୍ଗ ବ୍ଲକର ଡେଲାଙ୍ଗ-କୋଠବାଡ଼, କଲ୍ୟାଣପୁର, ଗୁଆଳିପଡ଼ା, ଧାନକେରା, ଅଭୟମୁଖୀ ଆଦି ପଞ୍ଚାୟତରେ ପ୍ରଚାର ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଚେଲା କୁମାର, ସମ୍ପାଦକ ରୁଦ୍ର ରାଜୁଙ୍କ ସହ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ନିର୍ମଳ ପରିଡ଼ା, ବିନୋଦ ସ୍ୱାଇଁ, ରବି ରାୟ, ଟିକନ ବିଶ୍ୱାଳ, ମୁଖପାତ୍ର ସୌମ୍ୟରଞ୍ଜନ ନାୟକ, ରମେଶ ଗୁପ୍ତା ପ୍ରମୁଖ ବିଜେଡି ଓ ଭାଜପା ସରକାରଙ୍କ କୁଶାସନ ଯୋଗୁ ରାଜ୍ୟ ଓ ଦେଶର ସ୍ଥିତି କ୍ରମଶଃ ବିଗିଡ଼ି ଥିବାରୁ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନଙ୍କୁ ନିର୍ବାଚିତ କରି ସେବା ସୁଯୋଗ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଭାଜପା ପକ୍ଷରୁ ମଧ୍ୟ ବରିଷ୍ଠ ନେତାମାନେ ପିପିଲି ଓ ଡେଲାଙ୍ଗର ବିଭିନ୍ନ ଅଞ୍ଚଳ ବୁଲି ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

### ସିପିଆଇ(ଏମ୍‌ଏଲ୍) ପ୍ରାର୍ଥୀଙ୍କ ପ୍ରଚାର

ଡେଲାଙ୍ଗ, ୨୫।୯(ଡି.ଏନ୍.ଏ.)

ସିପିଆଇ(ଏମ୍‌ଏଲ୍) ଦଳର ପ୍ରାର୍ଥୀ ଅଶୋକ ପ୍ରଧାନ ଶନିବାର ଚାଇଁପୁର, ଅରିସଲ ଓ ଡେଲାଙ୍ଗ-କୋଠବାଡ଼ରେ ନିର୍ବାଚନ ପ୍ରଚାର କରିଛନ୍ତି। ରାଜ୍ୟ କମିଟି ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କାର୍ଯ୍ୟକର୍ତ୍ତା କିଶାନ ପଟ୍ଟନାୟକ ଓ ସୁନନ୍ଦା ଗଡ଼ନାୟକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ଲୋକଙ୍କ ନିକଟରେ ପହଞ୍ଚି ଗରିବଙ୍କ ପାଇଁ ପ୍ରତିକାରାତ୍ମକ ସଂଗ୍ରାମ ଜାରି ରଖିଥିବା ଅଶୋକ ପ୍ରଧାନଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରକାଶ



@ ଲିତାଲି



@ ବିକି



@ ନିରଞ୍ଜନ



@ ବଣ୍ଟି



@ ରିଙ୍କୁ

## ଭଲ ପ୍ରଦର୍ଶନ ନେଇ ପୁରୀ ଜିଲା ସନ୍ତରଣ ଟିମ୍ ଆଶାବାଦୀ

**ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବ**

ପୁରୀ ଅଫିସ,୨୫।୯:

ଭୁବନେଶ୍ୱରଠାରେ ୬୧ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ସିନିୟର ବିଭାଗର ସନ୍ତରଣ ପ୍ରତିଯୋଗିତା ଥିବାବେଳେ ପୁରୀ ସହରର ୧୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଶନିବାର ପ୍ରଶିକ୍ଷଣ ଶେଷ କରି ଏହି ପ୍ରତିଯୋଗୀମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ବ୍ୟାକଷ୍ଟ୍ରୋକ୍, ବଟରଫ୍ଲାଏ, ବ୍ରେଷ୍ଟ ଷ୍ଟ୍ରୋକ୍ ଓ ଫ୍ରି ଷ୍ଟାଇଲ୍‌ରେ ସିନିୟର ପୁରୁଷ ଓ ମହିଳା ଅଂଶଗ୍ରହଣ କରିବେ। କରୋନା ସଙ୍କଟ ସମୟରେ ଅଭ୍ୟାସ କରିବାକୁ ଯଥେଷ୍ଟ ସୁଯୋଗ ମିଳି ନ ଥିଲେ ମଧ୍ୟ ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ କରିବା ନେଇ କୋଚ୍ ଅରୁଣ କୁମାର ମହାପାତ୍ର ଆଶାବାଦୀ ଅଛନ୍ତି। ପ୍ରତିଯୋଗୀମାନେ ଶେଷ ଦିନର ଅଭ୍ୟାସରେ ରାଜ୍ୟସ୍ତରୀୟ ରେକର୍ଡ ସମକକ୍ଷ ହେବା ଭଳି ପ୍ରଦର୍ଶନ କରିଛନ୍ତି। କେବଳ ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ଓ ଚାପ ନିୟନ୍ତ୍ରଣ କରିବାରେ ସଫଳ ହେଲେ ପ୍ରତିଯୋଗିତାରେ ବିଜୟ ସୁନିଶ୍ଚିତ ବୋଲି ମ୍ୟାନେଜର ରଶ୍ମିରଞ୍ଜନ ପାତ୍ର କହିଛନ୍ତି।




ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ସନ୍ତରଣକାରୀ ।

## ରେଭେନ୍‌ଶାରେ ୨୮ରୁ ସ୍ନାତକ ଛାତ୍ରାବାସ ନାମଲେଖା

**କଟକ ଅଫିସ:** ଆସନ୍ତା ୨୮ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ(ୟୁଜି) ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସରେ ନାମଲେଖା ଆରମ୍ଭ ହେବ। ଏହା ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ୯ଟି ଛାତ୍ରାବାସ ପାଇଁ ଏହି ନମଲେଖା ପ୍ରକ୍ରିୟା ହେବ। କଳା, ବାଣିଜ୍ୟ, ବିଜ୍ଞାନ, ବିଏ ବିଇଡି ଆଦି ଛାତ୍ରୀଛାତ୍ର ଛାତ୍ରାବାସରେ ନାମଲେଖା ପାଇଁ ତାଲିକା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି। ଏଥିପାଇଁ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ପ୍ରମାଣପତ୍ର, ଆଧାରକାର୍ଡ, ଯୋଗାଯୋଗ ନମ୍ବର ଏବଂ ଆବଶ୍ୟକ କାଗଜପତ୍ର ନେଇ ଅଭିଭାବକଙ୍କ ଉପସ୍ଥିତିରେ ନାମ ଲେଖାଇ ପାରିବେ।

**ସଂକ୍ଷେପରେ**

## ଆୟୁଷ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି ଦାବି

**ଭୁବନେଶ୍ୱର,୨୫।୯:** ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧୀନରେ କାର୍ଯ୍ୟ କରୁଥିବା ଆୟୁଷ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବି କରି ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘ(ଏଓଏଡିଏ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପଠାଯାଇଛି। ସଂଘ ସଭାପତି ଡ. ଲୋଟସ୍ ମିଶ୍ର, ସାଧାରଣ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଡ. ଯଯାତି କେଶରୀ ବେହେରା, ଡ. ଆୟୁସକାନ୍ତ ମହାନ୍ତି ଏବଂ ଡ. ପ୍ରତିଭା ରାୟଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶାର ସିଏଚ୍‌ସି / ପିଏଚ୍‌ସି ଗୁଡିକରେ ଗତ ୧୪ବର୍ଷ ଧରି ଚୁକ୍ତିଭିତ୍ତିକ ଭାବେ ମିଳିତ ହୋଇ କାର୍ଯ୍ୟ କରିଆସୁଥିବା ପ୍ରାୟ ୧୧୫୦ ଆୟୁଷ୍ ଡାକ୍ତର ସେମାନଙ୍କର ନିୟମିତକରଣ ପ୍ରସଙ୍ଗ ଉପରେ ଅଭିଯୋଗ ପ୍ରକାଶ କରି ଏହି ଚିଠି ଲେଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏଓଏଡିଏକୁ ନିୟମିତକରଣ ଉପରେ ଆଶ୍ୱାସନା ଦେଇସାରିଥିବା ବେଳେ ଆସୋସିଏଶନ୍ ତରଫରୁ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଏଓଏଡିଏ ସଭାପତି ଡ. ମିଶ୍ର କହିଛନ୍ତି, ୧୪ବର୍ଷ ଧରି ଚୁକ୍ତିଭିତ୍ତିକ ସେବା ପ୍ରଦାନ କରିବା ହେତୁ ଆୟୁଷ ଡାକ୍ତରମାନେ ନିରାଶରେ ଅଛନ୍ତି। ତେଣୁ ଆମେ ନିଷ୍ପତ୍ତି ନେଇଛୁ ଯେ ସେପ୍ଟେମ୍ବର ୩୦ ମଧ୍ୟରେ ଯଦି ନିୟମିତକରଣର ଦାବିପୂରଣ ନ ହୁଏ, ତେବେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଅଣ ସହଯୋଗ ଆନ୍ଦୋଳନ କରିବୁ ବୋଲି ସୂଚନା ଦେଇଛନ୍ତି।

## ସୋମବାର ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘର ଧାରଣା

**ବାରଙ୍ଗ,୨୫।୯(ଡି.ଏନ୍.ଏ.):** ବାରଙ୍ଗ ତହସିଲ ଅଧୀନ କଟକ ସିଡିଏ ସେକ୍ଟର ୧୩ରେ ତୁଳସୀପୁର ଓ ବିଡ଼ାନାସୀ ଅଞ୍ଚଳର ଦଳିତ ଓ ପଛୁଆବର୍ଗ ଲୋକମାନଙ୍କୁ ସରକାରଙ୍କ ତରଫରୁ ଜାଗା ଦିଆଯାଇଥିଲା। ହେଲେ ଉକ୍ତ ଜାଗାକୁ ନେଇ ନାନା ସମସ୍ୟା ଉପୁଜିବାରୁ ଲୋକେ ପ୍ରଶାସନକୁ ଜଣାଇବା ସତ୍ତ୍ୱେ ସମାଧାନ ହେଲା ନାହିଁ। ଫଳରେ ଏହାକୁ ବିରୋଧ କରି ଆସନ୍ତା ସୋମବାର ବାରଙ୍ଗ ତହସିଲ କାର୍ଯ୍ୟାଳୟ ସାମ୍ନାରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘ ପକ୍ଷରୁ ଧାରଣା ଦିଆଯିବ। ଏ ନେଇ ସଂଘର ରାଜ୍ୟ ପ୍ରଭାରୀ ସଞ୍ଜିତ ସାମଲ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାରଙ୍ଗ ତହସିଲ ପକ୍ଷରୁ ଜମି ପଟା ମିଳିଛି, ପାଉତି କଟାଯାଇଛି, ପଟ୍ଟାରେ ମାଲିକାନା ଲୋକମାନଙ୍କ ନାମ ଅଛି କିନ୍ତୁ ଜମି ବିବରଣୀରେ ଜମିର ଏରିଆ ନ ଥିବାର ଅଭିଯୋଗ କରିଛନ୍ତି ମହାସଂଘ। ଜାଗା ସମସ୍ୟା ନେଇ ସଂଘ ପକ୍ଷରୁ କୋର୍ଟ ଦ୍ୱାରସ୍ଥ ହେବା ପରେ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତହସିଲ ପ୍ରଶାସନ ପଦକ୍ଷେପ ନେଲେ ନାହିଁ। ବାଧ ହୋଇ ଦଳିତ ଓ ପଛୁଆ ବର୍ଗର ଲୋକମାନେ ଗତ ୧ତାରିଖରେ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ଆଇନଗତ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏହା ଭିତରେ ୨୪ଦିନ ବିତିଯାଇଥିଲେ ମଧ୍ୟ ଦଳିତମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନାହିଁ ବୋଲି ମହାସଂଘ ଅଭିଯୋଗ କରିଛି। ଏହାର ତଦନ୍ତ କରାଯାଇ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହ ଦଳିତଙ୍କ ଜାଗାକୁ ଫେରାଇ ଦେବା ପାଇଁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ପ୍ରଶାସନକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ଅଦ୍ୟାବଧି କୌଣସି ଉତ୍ତର ମିଳି ନ ଥିବା ସଂଘ ପ୍ରକାଶ କରିଛି।

# ମତ୍ସ୍ୟଜୀବୀଙ୍କୁ ଦଳିଦେଲେ ଫେରନ୍ତା ହାତୀ

**୩ ସାଥୀଙ୍କୁ ନ ପାଇ ନରାଜ ଜଙ୍ଗଲରେ ଥିଲେ**

**ବାରଙ୍ଗ,୨୫।୯(ଡି.ଏନ୍.ଏ.)**

ମାଛ ମାରିବାକୁ ମହାନଦୀକୁ ଯାଉଥିବାବେଳେ ହାତୀ ଆକ୍ରମଣରେ ନରାଜ କୈବର୍ତ୍ତସାହିର ମତ୍ସ୍ୟଜୀବୀ ସୁଶାନ୍ତ କୁମାର ବେହେରାଙ୍କ ମୃତ୍ୟୁ ଘଟିଛି। ଆଠଗଡ଼ରୁ ମହାନଦୀ ପାର ହୋଇ ଚନ୍ଦକା ଫେରୁଥିବା ହାତୀ ପଲ ତାଙ୍କୁ ଦଳିଦେଇଥିବା କୁହାଯାଉଛି। ତେବେ ଶନିବାର ସକାଳେ ତାଙ୍କ ମୃତଦେହ ମିଳିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ବନ ବିଭାଗର ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ୯ ଟିକିଆ ହାତୀପଲ ଆଠଗଡରୁ ଚନ୍ଦକାଜଙ୍ଗଲକୁ ଫେରୁଥିବାବେଳେ ମହାନଦୀ ସ୍ରୋତରେ ୩ ହାତୀ ଭାସି ଯାଇଥିଲେ। ଗୋଟିଏ ହାତୀ ମୁଣ୍ଡଳି ବ୍ରିଜ୍‌ରେ ଲାଗିଥିବାବେଳେ ଅନ୍ୟ ୨ଟି ହାତୀ ମହାନଦୀ ପଠାରେ ଅଟକି ରହିଥିଲେ। ଶୁକ୍ରବାର ଉକ୍ତ ହାତୀକୁ ଉଦ୍ଧାର ପାଇଁ ଯାଇଥିବା ଓଡ୍ରାଫ୍ ଟିମ୍‌ର ବୋଟ୍ ମୁଣ୍ଡଳି ବ୍ରିଜ୍ ନିକଟରେ ଓଲଟିପଡିବାରୁ ଜଣେ ଯବାନ ଓ ଅନ୍ୟଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ତେବେ ୩ ସାଥୀଙ୍କୁ ନ ପାଇ ଅନ୍ୟ ୬ ହାତୀ ଚନ୍ଦକା ନ ଫେରି ନରାଜ ଗ୍ରାମ ନିକଟ ଜଙ୍ଗଲରେ ରହିଥିଲେ। ବିଳମ୍ବିତ ରାତିରେ ଏହି ହାତୀପଲ ଜଙ୍ଗଲରୁ ବାହାରି ନରାଜ ଗ୍ରାମ ଆଡେ ଆସିଥିଲେ। ଏହି ସମୟରେ ମାଛ ମାରିବାକୁ ଯାଉଥିବାବେଳେ ନରାଜ କୈବର୍ତ୍ତ ସାହିର ମତ୍ସ୍ୟଜୀବୀ ସୁଶାନ୍ତ ସେମାନଙ୍କ ହାବୁଡରେ ପଡିଯାଇଥିଲେ। ହାତୀପଲ ଦଳି ଦେବାରୁ ସୁଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସକାଳେ ମୃତଦେହ ମିଳିବା ପରେ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ହୋହଲ୍ଲା କରିବା ସହ ରାସ୍ତାରୋକୋ ପାଇଁ ଉପସ୍ଥିତ ବନ କର୍ମଚାରୀଙ୍କୁ ଚେତାବନୀ ଦେଇଥିଲେ। ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ୪୦ ହଜାର ଟଙ୍କା ଓ ମାସକ ମଧ୍ୟରେ ମୃତକଙ୍କ ପରିବାରକୁ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ମୃତକଙ୍କ ପାଖରେ ହାତୀ ପାଦଚିହ୍ନ ରହିଛି। ହାତୀ ଆକ୍ରମଣ କରିଥିବା ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି ଏସିଏଫ୍ ମହାନ୍ତି କହିଛନ୍ତି।



ଭୁବନେଶ୍ୱରସ୍ଥିତ କୃଷକ ସମାଜ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସୂଚନା ଅଧିକାରୀ ତାପସ କୁମାର ସାହୁଙ୍କ ଦ୍ୱାରା ଲିଖିତ ଓଡ଼ିଆ ଉପନ୍ୟାସ 'ସୀମାରେଖା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଟିକା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା



ଭୁବନେଶ୍ୱରର ରସୁଲଗଡ଼ ଜିଜିପି କଲୋନୀସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକା ନେବାକୁ ଲୋକମାନେ ଲମ୍ବା ଧାଡ଼ିରେ ରହିଛନ୍ତି।

## ୨ ଶିଶୁଙ୍କୁ ଛାଡ଼ି ପଳାଇଲେ ବାପା

**ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ କାନ୍ଦୁଥିବାବେଳେ ଉଦ୍ଧାର କଲା ପୋଲିସ**

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୨ ଶିଶୁଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ପଳାଇଛନ୍ତି ବାପା। କାନ୍ଦୁଥିବାବେଳେ ଭରତପୁର ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଏମାନଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁପୁତ୍ର ଥିବାବେଳେ ଅନ୍ୟଜଣେ ୮ ବର୍ଷର ଶିଶୁକନ୍ୟା। ଘର ଗଞ୍ଜାମ ଜିଲା ଉଦଳା ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଚାଇଲ୍ଡ ଲାଇନ୍ ସେମାନଙ୍କୁ ଆଣି କଳିଙ୍ଗନଗର ବିଶ୍ୱ ଜୀବନ ସେବା ସଂଘର ଆଶ୍ରୟସ୍ଥଳୀରେ ରଖିଛି। ଏନେଇ ଚାଇଲ୍ଡ ଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ଏପର୍ଯ୍ୟନ୍ତ ତାଙ୍କ ପରିବାର ସମ୍ପର୍କରେ କିଛି ଖବର ମିଳିପାରି ନାହିଁ। ପିଲାମାନଙ୍କ କଥା ଅନୁସାରେ ତାଙ୍କ ବାପା ସେମାନଙ୍କୁ ଛାଡି ଚାଲିଯାଇଥିବା ଆମେ ସନ୍ଦେହ କରୁଛୁ। ଆମେ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଏହାପରେ ଉଦଳା ଥାନାକୁ ଜଣାଇବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତି ପ୍ରାୟ ୯ଟାରେ ବସ୍‌ଷ୍ଟାଣ୍ଡରେ ୨ ଜଣ ଶିଶୁ କାନ୍ଦୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲା। ଚାଇଲ୍ଡ ଲାଇନ ସେମାନଙ୍କୁ ପଚରାଉଚରା କରିଥିଲା। ଗଞ୍ଜାମ ଜିଲା ଉଦଳା ଥାନା ଅଞ୍ଚଳରେ ସେମାନଙ୍କ ଘର ବୋଲି ଶିଶୁକନ୍ୟା ଜଣକ କହିଥିଲେ। ମା' କିଛିଦିନ ହେବ ନିଖୋଜ ହୋଇଯାଇଛନ୍ତି। ବଡ ମା'ଙ୍କୁ ଭେଟ କରିବା ପାଇଁ ବାପା ସେମାନଙ୍କୁ ବସ୍‌ରେ ଏଠାକୁ ଆଣିଥିଲେ। ବସ୍‌ଷ୍ଟାଣ୍ଡରେ ବସାଇ ବାପା କୁଆଡ଼େ ପଳାଇଛନ୍ତି ବୋଲି ସେମାନେ କହିଥିଲେ।

## ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

**କଟକ ଅଫିସ,୨୫।୯**

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ କଟକ ଜିଲା ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ସିଟି ହସ୍ପିଟାଲଠାରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏଥିରେ ଡା. ସତ୍ୟବ୍ରତ ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଫାର୍ମାସିଷ୍ଟ ଉମେଶ ଚନ୍ଦ୍ର ସାହୁ, ପ୍ରବୋଧ ପଣ୍ଡା, ମହେନ୍ଦ୍ର ସାହୁ, ବିଶ୍ୱଜିତ ଷଡ଼ଙ୍ଗୀ ଓ ବୀଣାପାଣି ସାହୁଙ୍କୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଦଶରଥ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଶତପଥୀ, ରଞ୍ଜିତ ସାହୁ, ମଦନ ଗୋପାଳ ସେନ, ଅନ୍ତର୍ଯ୍ୟାମୀ ଲେଙ୍କା, କାଶୀନାଥ ରାଉତ, ଦିଲ୍ଲୀପ କୁମାର ନାୟକ, ଧନଞ୍ଜୟ ପଟ୍ଟନାୟକ, ଦେବୀପ୍ରସନ୍ନ ନନ୍ଦ, ରିୟାଜୁଦ୍ଦିନ ଖାନ, ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ସିଫା ନିକଟ ୨ ବ୍ଲକରେ ହେବ 'ରଙ୍ଗିନ ମାଛ ଗାଁ'

**ପିପିଲି,୨୫।୯(ସ୍ୱ.ପ୍ର.)**

ସିଫା ନିକଟ ୨ଟି ବ୍ଲକରେ 'ରଙ୍ଗିନ ମାଛଗାଁ' ପ୍ରତିଷ୍ଠା କରାଯିବ। କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-ସିଫାରେ ଥିବା ଖୋର୍ଦ୍ଧା କୃଷିବିଜ୍ଞାନ କେନ୍ଦ୍ରରେ ରଙ୍ଗିନ ମାଛଚାଷ ମାଧ୍ୟମରେ 'ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ' ଶୀର୍ଷକ ୩ଦିନିଆ ପ୍ରଶିକ୍ଷଣ ଶିବିରର ଶନିବାର ଉଦ୍‌ଯାପନୀ ସଭାରେ ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁ ଯୋଗଦେଇ ଏହା କହିଛନ୍ତି। ସେ କହିଲେ, ସମ୍ପ୍ରତି ରଙ୍ଗିନ ମାଛ ଚାଷ କୃଷି ବ୍ୟବସାୟରେ ପରିଣତ ହୋଇଛି। ଚାଷୀଙ୍କ ଏକ ବିକଳ୍ପ ରୋଜଗାରର ମାଧ୍ୟମ ହୋଇଛି। ରଙ୍ଗିନ ମାଛ ପାଳନ, ଆକ୍ୱାରିୟମ୍ ନିର୍ମାଣ ଓ ଏହାର ଡିଜାଇନ୍, ଆକ୍ୱାଟିକ୍ ପ୍ଲାଣ୍ଟଚାଷ, ଜୀବନ୍ତ ଖାଦ୍ୟ ଚାଷ ଇତ୍ୟାଦି କ୍ଷେତ୍ରରେ ଏହାର ପରିସର ବୃଦ୍ଧି ପାଇଁ ସହାୟକ ହେଉଛି ବୋଲି କହିଥିଲେ। ପ୍ରାରମ୍ଭରେ ଏସ୍‌ଏମ୍‌ଏସ୍ ଅଜୟ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ରଙ୍ଗିନ ଜଳଜୀବ ପାଳନ ଏବଂ ଏଥିରେ ଉଦ୍ୟୋଗ ପ୍ରତିଷ୍ଠା, ପାଣିର ଗୁଣାତ୍ମକ ମାନ ପରିଚାଳନା, ରଙ୍ଗିନ ମାଛଚାଷ ଓ ପ୍ରଜନନ, ଅଣ୍ଡା ପ୍ରଦାନକାରୀ ମାଛଙ୍କ ପ୍ରଜନନ ଏବଂ ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସିଫା ବୈଜ୍ଞାନିକ ଡ. ସୁନୀଲ ଅଇଲ ଆକ୍ୱାରିୟମ୍ ନିର୍ମାଣ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକ୍‌ର କୃଷିମିତ୍ର, ପ୍ରାଣୀମିତ୍ର ଆଦି ୧୫ ଜଣ ସମ୍ପ୍ରସାରଣ କର୍ମଚାରୀ ଏହି ପ୍ରଶିକ୍ଷଣ ନେଇଥିଲେ। କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଏସ୍. ଏସ୍. ଗିରିଙ୍କ ତତ୍ତ୍ୱାବଧାନରେ ଏବଂ ସୁକାନ୍ତି ବେହେରା, ଡ. ହରପ୍ରିୟା ନାୟକ ଓ ପ୍ରଜ୍ଞାନ ରଞ୍ଜନ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଶିବିରରେ ଉପସ୍ଥିତ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

## ଭୁବନେଶ୍ୱରରେ ୨ଦିନ ଟିକାକରଣ ବନ୍ଦ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଓ ବାତ୍ୟା ପାଇଁ ୨୬ ଓ ୨୭ ତାରିଖ ଦୁଇଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ତେଣୁ ଏହି ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟିକାକରଣକୁ ବନ୍ଦ ରଖିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଟିକା ନେବା ପାଇଁ କୌଣସି ହିତାଧିକାରୀ ବର୍ଷା ସମୟରେ ଘରୁ ନ ବାହାରିବେ ସେଥିପାଇଁ ବିଏମ୍‌ସି କମିଶନର ସଞ୍ଜୟ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

## ନଦୀରେ ବୁଡ଼ି ଜଣେ ନିଖୋଜ

**ସାକ୍ଷୀଗୋପାଳ,୨୫।୯(ଡି.ଏନ୍.ଏ.)**

ପୁରୀ ଜିଲା ଚନ୍ଦନପୁର ଥାନା ବୀରନରସିଂହପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ସେଠୀ (୫୨) ଶନିବାର ନଦୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସକାଳେ ଗ୍ରାମ ନିକଟ ଭାର୍ଗବୀ ନଦୀ ତୁଠକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ହେଲେ ତୁଠରେ ତାଙ୍କ ଗାମୁଛା ଥିବା ଦେଖି ନଦୀରେ ଭାସିଯାଇଥିବା ସନ୍ଦେହ କରିଛନ୍ତି। ଓଡ୍ରାଫ ଓ ଦମକଳ ବାହିନୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନାହିଁ।

## କବିତା ପୁସ୍ତକ 'ତଥାସ୍ତୁ' ଲୋକାର୍ପିତ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ତ୍ରୈମାସିକ ପତ୍ରିକା ଶିଳାଶ୍ରୀର ପୂଜା ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଛି। ବୁଦ୍ଧମନ୍ଦିରରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ପୂର୍ବତନ ସଂସ୍କୃତି ସଚିବ ତଥା ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରୀତି ପ୍ରତିଭା ଭୋଳ ଓ ଭାଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡ. ତମସା ରାଣୀ ଦାସ ମହାପାତ୍ର ଉପସ୍ଥିତ ଥିଲେ। ଭାଷାବିତ୍ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶିଳାଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରସ୍ତୁତ ମଞ୍ଜୁଳା ତ୍ରିପାଠୀଙ୍କ କବିତା ପୁସ୍ତକ 'ତଥାସ୍ତୁ' ଲୋକାର୍ପିତ ହୋଇଥିଲା। କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅନୁଷ୍ଠାନ ପକ୍ଷରୁ ସଙ୍ଗୀତରେ ଲତିକା ମହାପାତ୍ର, ଗଳ୍ପରେ ମଞ୍ଜୁଲତା ସିଂ, ଆଧ୍ୟାତ୍ମିକ କବିତାରେ ଶକୁନ୍ତଳା ରାଉତରାୟ, ସଂସ୍କୃତିରେ ସଂଯୁକ୍ତା ସ୍ୱାଇଁ ଓ ଛାତ୍ରୀ ପ୍ରତିଭାରେ ମିଳନ୍‌କୁମାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ବାସନ୍ତୀ ଦାସ ପତ୍ରିକା ସମ୍ପର୍କରେ କହିଥିଲେ। ମିନତୀ ବେହେରା ସଭାକାର୍ଯ୍ୟ ପରିଚାଳନା ଓ ମଞ୍ଜୁଳା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ତଥାସ୍ତୁ'କୁ ଲୋକାର୍ପିତ କରୁଛନ୍ତି।

## ଘରୋଇ ହିଂସା ରୋକିବା ଉପରେ ଗୁରୁତ୍ୱ

**ୱେବିନାରରେ ଯୋଗଦେଲେ ୪ ଦେଶର ୬୫ ଜଣ**

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ସିଲ୍‌ଭର ଲାଇନ୍ ସଲ୍ୟୁଶନ ପକ୍ଷରୁ ଶନିବାର ବିଟ୍ ଡୋମେଷ୍ଟିକ୍ ଭାଓଲେନ୍ସ ଉପରେ ଏକ ଅନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ୪ ଦେଶରୁ ପାଖାପାଖି ୬୫ଜଣ ଯୋଗଦେଇଥିଲେ। ପାନେଲିଷ୍ଟ ଭାବେ ଆଇନଜୀବୀ ସୁଜାତା ଜେନା, ଟିମ୍ ଏଣ୍ଟରଟେନ୍‌ମେଣ୍ଟର ପ୍ରତିଷ୍ଠାତା ନିଶିକାନ୍ତ ମିଶ୍ର, ହଙ୍ଗର ଫ୍ରି ଓଡ଼ିଶାର ମୁଖ୍ୟ ପିନାକୀ ମହାନ୍ତି, ହ୍ୟୁମାନ କନ୍‌ଷ୍ଟେକ୍ସଟ୍ ଶଲ୍ୟୁଶନର ନିର୍ଦ୍ଦେଶକ ସୁଶ୍ରୀ ମିଶ୍ର, ପୂର୍ବତନ ସୂଚନା ଅଧିକାର କମିଶନର ଶଶିପ୍ରଭା ବିନ୍ଧାଣି ପ୍ରମୁଖ ଯୋଗଦେଇଥିଲେ। ପ୍ୟାନେଲିଷ୍ଟମାନେ ଘରୋଇ ହିଂସାର ବିଭିନ୍ନ ଦିଗ ଓ ଏହାକୁ କିପରି ରୋକାଯାଇପାରିବ ତାହା ଉପରେ ମତ ରଖିଥିଲେ। ସିଲ୍‌ଭର ସଲ୍ୟୁଶନର ପ୍ରତିଷ୍ଠାତା ତଥା ସିଇଓ ବୈଶାଖୀ ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ।

## ଏସ୍‌ଇଏମ୍, ପମ୍ପ ଅପରେଟରଙ୍କୁ ସରକାରୀ ମାନ୍ୟତା ଦାବି

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଏସ୍‌ଇମ୍ ଓ ପମ୍ପ ଅପରେଟରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି ସହ ୭ଟି ଦାବି ନେଇ ଅଲ୍ ଓଡ଼ିଶା ଏସ୍‌ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶନିବାର ଧାରଣା ଦିଆଯାଇଥିଲା। ଏହି ଅବସରରେ ଏକ ଦାବି ପତ୍ର ବିଭାଗୀୟ ଅଧିକରୀଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ନଳକୂପ ଓ ପମ୍ପ ହାଉସ ପରିଚାଳନାରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସମୟରେ ୨ ହଜାର ଟଙ୍କା ଭତ୍ତାରେ ଦୀର୍ଘ ୮ଘଣ୍ଟା କାର୍ଯ୍ୟ କରୁଛନ୍ତି। ତେଣୁ ରାଜ୍ୟ ସରକାର ଏସ୍‌ଇଏମ୍ ଓ ପମ୍ପ୍ ଅପରେଟରଙ୍କୁ ସରକାରୀ ମାନ୍ୟତା ଦେବା ସହ ମାସିକ ଦରମା ୨୫୦୦୦ ଟଙ୍କା କରିବାକୁ ସେମାନେ ଦାବି କରିଛନ୍ତି। ନଚେତ କାର୍ଯ୍ୟ ବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏସ୍‌ଇଏମ୍, ପମ୍ପ ଅପରେଟରମାନେ ଧାରଣାରେ ବସିଛନ୍ତି।

## ଏମ୍‌ପିଏଲ୍‌ରେ ବିଏମ୍‌ସିର ୧୦କର୍ମଚାରୀ ପୁରସ୍କୃତ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜ୍ୟ ସରକାର ୨୦୧୯ରେ ମ୍ୟୁନିସିପାଲ ପ୍ରିମିୟମ ଲିଗ୍ (ଏମ୍‌ପିଏଲ୍) ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଜରିଆରେ ଶ୍ରେଷ୍ଠ ରାଜସ୍ୱ କର୍ମଚାରୀଙ୍କୁ ପୁରସ୍କୃତ ସାଙ୍ଗକୁ ସେମାନଙ୍କ ମନୋବଳ ବଢାଇବା ଲକ୍ଷ୍ୟରେ ଉକ୍ତ ଯୋଜନାର ଶୁଭାରମ୍ଭ ହୋଇଥିଲା। ସରକାରଙ୍କ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି), ପୌରପାଳିକା ଏବଂ ମହାନଗର ନିଗମ (ମ୍ୟୁନିସିପାଲ କର୍ପୋରେଶନ) ଗୁଡିକରୁ ସର୍ବାଧିକ ରାଜସ୍ୱ ସଂଗ୍ରହ ଅଧିକାରୀଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପୁରସ୍କୃତ କରାଯାଇଛି। ଶନିବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ଲୋକସେବା ଭବନରେ ଆୟୋଜିତ ଏମ୍‌ପିଏଲ୍ କାର୍ଯ୍ୟକ୍ରମର ୩ୟ ସଂସ୍କରଣର ଶୁଭାରମ୍ଭ ସାଙ୍ଗକୁ ୨୦୧୯-୨୦ (୧ମ ବର୍ଷ) ଓ ୨୦୨୦-୨୧ (୨ୟ ବର୍ଷ)ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ ଏବଂ ବରିଷ୍ଠ ପ୍ରଶାସକ ସଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୧୦ଶ୍ରେଷ୍ଠ କର୍ମଚାରୀଙ୍କୁ ଏମ୍‌ପିଏଲ୍ ଜରିଆରେ ପୁରସ୍କୃତ କରାଯାଇଥିଲା। ବିଏମ୍‌ସିର ପ୍ରଶାନ୍ତ ସେଠୀ (ପ୍ରଥମ), ନୁରୁଲ ହାସନ ଖାନ (ଦ୍ୱିତୀୟ) ଓ ସୁଜିତ ସ୍ୱାଇଁ (ତୃତୀୟ) ସ୍ଥାନ ହାସଲ କରିଛନ୍ତି। ଅନ୍ୟ ୭ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ବିଏମ୍‌ସି ରାଜସ୍ୱ ମୁଖ୍ୟ ଶ୍ରୀମନ୍ତ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଡିଭାଇଡରରେ ପିଟିହେଲା ଟ୍ରକ୍, ଚାଳକ ଆହତ

**ବୋଲଗଡ଼,୨୫।୯(ଡି.ଏନ୍.ଏ.):** ବୋଲଗଡ଼ ରେଲୱେ ଓଭରବ୍ରିଜ ଉପରେ ଶନିବାର ରାତିରେ ଏକ ଗ୍ୟାସ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିଭାଇଡରକୁ ଧକ୍କା ଦେବାରୁ ଟ୍ରକ୍ ଚାଳକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ଟ୍ରକ୍ (ଓଡି ୦୨ଡବ୍ଲ୍ୟୁ ୯୧୧୪) ନୟାଗଡ଼ ପଟୁ ଖୋର୍ଦ୍ଧା ଜିଲା ଜଟଣୀକୁ ଆସୁଥିଲା। କୌଣସି କାରଣରୁ ଚାଳକ ଜଣଙ୍କ ବୋଲଗଡ଼ ରେଲୱେ ଓଭରବ୍ରିଜ ଉପରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲେ। ଖବରପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ତଦନ୍ତ ଚଳାଇଛି।

### ୨ରୁ କାର୍ଯ୍ୟକ୍ଷମ ହେବ ଡାଏଲିସିସ୍ କେନ୍ଦ୍ର

**କଟକ ଅଫିସ, ୨୫।୯:** ରୋଟାରି କ୍ଲବ ଅଧୀନରେ ସିଡିଏ ସେକ୍ଟର ୬ସ୍ଥିତ ଜେପିଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟ ପରିସରରେ ଏକ ଡାଏଲିସିସ୍ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ଏହି ଡାଏଲିସିସ କେନ୍ଦ୍ର ଅକ୍ଟୋବର ୨ରୁ କାର୍ଯ୍ୟକ୍ଷମ ହେବ। ବର୍ତ୍ତମାନ ୨ଟି ଡାଏଲିସିସ ମେଶିନ ଏଠାରେ ରଖାଯାଇଛି । ଏହି କେନ୍ଦ୍ରଟିକୁ ପୂର୍ବତନ ଆଡଭୋକେଟ ଜେନେରାଲ ବିଜୟ କୃଷ୍ଣ ମହାନ୍ତିଙ୍କ ସହଧର୍ମିଣୀଙ୍କ ସ୍ମୃତିରେ ପ୍ରଦତ୍ତ ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଛି। ଏଠାରେ ଗରିବଙ୍କୁ ଅଳ୍ପ ମୂଲ୍ୟରେ ଡାଏଲିସିସ ସେବା ଯୋଗାଇ ଦିଆଯିବ ବୋଲି ଯୁଗ୍ମପ୍ରଭା ମେମୋରିଆଲ ରୋଟାରି କ୍ଲବ ଅଫ କଟକର ସଭାପତି ବିନ୍ଦୁ କୁମାର ଦାସ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରୋଟାରି କ୍ଲବର ପୂର୍ବତନ ସଭାପତି ଦେବାଶିଷ ପଣ୍ଡା, ରଘୁବୀର ଦାସ, ଧିରେନ୍ଦ୍ର କୁମାର ବିଶ୍ୱାଳ, ସୁଭାଷିନୀ ଲେଙ୍କା,ଏସ୍. ସୁଧାକର ରାଓ, ସୁଶାନ୍ତ ମହାନ୍ତି, ସମୀର ମିଶ୍ର, ସଚିଦାନନ୍ଦ ଶତପଥୀ, ଅକ୍ଷୟ କୁମାର ନାୟକ କୈଶିକା ନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସରେ ଯୋଗଦେଲେ ସମିତି ସଭ୍ୟା

**ସାଲେପୁର,୨୫।୯(ଡି.ଏନ୍.ଏ):** ସାଲେପୁର ବ୍ଲକ ଅନ୍ତର୍ଗତ ବାରିଗୋଳ ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟା ସୁଜାତା ଦାସ ବିଜେଡି ଛାଡ଼ି ଶନିବାର କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ବ୍ଲକ କଂଗ୍ରେସ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି। ସୁଜାତା କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ସାକ୍ଷାତ କରି କଂଗ୍ରେସରେ ଯୋଗଦେଇଛନ୍ତି। ପଞ୍ଚାୟତରେ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟରେ ସୁଜାତା ଅସନ୍ତୁଷ୍ଟ ଥିଲେ। ଏଥିସହ ଦୁର୍ନୀତି ବିରୋଧରେ ସେ କରିଥିବା ଅଭିଯୋଗ ପାଇଁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେ ବିଜେଡି ଛାଡିଥିବା ନେଇ ଲିଖିତଭାବେ ଜଣାଇଛନ୍ତି ବୋଲି ପ୍ରଧାନ କହିଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପ୍ରଧାନଙ୍କ ସମେତ ଶିବୁ ବେହେରା ଓ ଟୁକୁନା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଏସିଡ୍ ପୀଡ଼ିତାଙ୍କ ଉପରେ ସଚେତନତା

**ତିଗିରିଆ, ୨୫।୯ (ଡି.ଏନ୍.ଏ.):** ତାଲୁକ ଆଇନ ସେବା ସମିତି ତିଗିରିଆ ତରଫରୁ ସ୍ଥାନୀୟ କଳିଙ୍ଗ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାଙ୍କ ଉପରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ସୁମିତ୍ରା କୁମାରୀ ଦାଶ ଅଧକ୍ଷତା କରିଥିଲେ। ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧୀକ୍ଷକ ଡା.ବିଶ୍ୱବିକାଶ ରାଉତରାୟ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ବିକ୍ରମ କେଶରୀ ଦାଶ, ଓକିଲ ସଂଘ ସଭାପତି ମଙ୍ଗଳକୃଷ୍ଣ ଦାସ, ଆଶୁତୋଷ ମିଶ୍ର, ଆଇନଜୀବୀ ଅର୍ଚ୍ଚନା ସିଂହସାମନ୍ତ ଉପସ୍ଥିତ ଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଏହି ଅବସରରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାମାନଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ କ୍ଷତିପୂରଣର ପଦ୍ଧତି ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତି ସହାୟକ ସୂର୍ଯ୍ୟକାନ୍ତ ବେହେରା ସଂଯୋଜନା କରିଥିଲେ। ତିଗିରିଆ ଓକିଲ ସଂଘର ସଦସ୍ୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀଙ୍କ ସମେତ ଅଧାପିକା, ଅଧକ୍ଷା ଓ ଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ।

# ଋଣ ଶୁଝିବା ଚିନ୍ତାରେ ଚାଷୀ

## ବନ୍ୟା ଉଜାଡ଼ିଲା ଫସଲ



ଚାଷୀମାନେ ନଷ୍ଟ ହୋଇଥିବା ଧାନତଳିକୁ ଦେଖାଉଛନ୍ତି।

**ଖୋର୍ଦ୍ଧା ଅଫିସ,୨୫।୯**

ବନ୍ୟାଜଳରେ ଏକ ସପ୍ତାହ ଧରି ଜଳବନ୍ଦୀ ଜୀବନ ବିତାଇଥିବା ଗ୍ରାମବାସୀଙ୍କ ଏକର ଏକର ଖରିଫ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ଖୋର୍ଦ୍ଧା ବ୍ଲକ ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଅନେକ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚାଷ କାର୍ଯ୍ୟ ପାଇଁ ଧାର ଓ ସମିତିରୁ ଋଣ ଆଣିଥିବା ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଋଣ ଟଙ୍କା କିପରି ଶୁଝିବେ ସେ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ପ୍ରକାଶ ଯେ, ସ୍ୱଳ୍ପ ବର୍ଷା ଯୋଗୁ ଚାଷୀମାନେ ହତାଶ ହୋଇପଡ଼ିଥିଲେ। ଜମି ଫାଟି ଆଁ କରିଥିଲା। ମରୁଡ଼ି ଭଳି ପରିସ୍ଥିତି ଉପୁଜିଥିଲା। ଅଗଷ୍ଟରେ ଲଘୁଚାପ ବର୍ଷା ଆଶ୍ୱସ୍ତି ଆଣିଥିଲା। ଏହି ସମୟରେ ହୀରାକୁଦରୁ ଗେଟ୍ ଖୋଲାଯିବା ପରେ ମହାନଦୀର ଶାଖା ନଦୀ ରାଜୁଆ, ମଲାଗୁଣି ଏବଂ ଦୟା ନଦୀ ଫୁଲିବାକୁ ଆରମ୍ଭ କରିଥିଲା। ଜଳସ୍ତର ବଢ଼ି ପଛୁଆ ପାଣି ଏହି ୩ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳମୁହଁ, ଧବଳପୁର, ବଳପୁର, ଓରମୀ, ହାଡ଼ପଦା, ଶରଧାପୁର ଆଦି ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଥିଲା। ଧୀରେ ଧୀରେ ବନ୍ୟାଜଳ ଗାଁ, ମନ୍ଦିର, ସ୍କୁଲ, କୋଠଘର ସମେତ ଚାଷଜମି ବୁଡିଯାଇଥିଲା। ଏବେ ବନ୍ୟାଜଳ ଛାଡିବା ପରେ ଏହି ଗ୍ରାମଗୁଡିକ ସ୍ୱାଭାବିକ ସ୍ଥିତିକୁ ଫେରିଛି। ଚାଷଜମିରୁ ବନ୍ୟାଜଳ ନ ଖସିବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଏହି ପଞ୍ଚାୟତର ଅଧିକାଂଶ ଗ୍ରାମବାସୀ କ୍ଷୁଦ୍ର ଚାଷୀ। ୩ମାସ ଧରି ଜମିରେ ଦିନରାତି ଏକ କରି ଧାନ ରୋଇଥିଲେ। ତେବେ ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡିଯିବାରୁ ନଷ୍ଟ ହୋଇଯାଇଛି। ଧାନକେଣ୍ଡା ମୂଳରୁ ନଇଁ ଭାଙ୍ଗିଯାଇଥିବା ବେଳେ ପଚିଶଢି ଯାଇଛି। ଚାଷୀମାନେ ଧାର କରିବା ସହ ବିଭିନ୍ନ ସମିତିରୁ ଋଣ ନେଇ ଚାଷ କାର୍ଯ୍ୟ କରିଥିଲେ। ଫସଲ ଭଲ ହେଲେ ଋଣ ଶୁଝିଦେବୁ। ଏପରି ସ୍ୱପ୍ନ ଦେଖିଥିବା ଅନେକ ଚାଷୀଙ୍କ ଆଶା ଏବେ ଧୂଳିସାତ ହୋଇଯାଇଛି। ଧବଳପୁର ଗ୍ରାମର ପ୍ରମୋଦ ମହାନ୍ତି କହିଛନ୍ତି, ଗତବର୍ଷ ବନ୍ୟାଜଳ ମାଡି ଫସଲ ନଷ୍ଟ ହୋଇଥିଲା। କ୍ଷତିଭରଣା ହୋଇ ନ ଥିବା ବେଳେ ଚଳିତବର୍ଷ ପୁଣି ଫସଲ ସବୁ ଧୋଇଯାଇଛି। ଆଉ କିଛି ନାହିଁ, କିପରି ଚଳିବୁ ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଜଣେ ଚାଷୀ କହିଛନ୍ତି, ଏହି ଗ୍ରାମଗୁଡିକର ରାଜୁଆ ନଦୀ ଦୁଃଖ ପାଲଟିଛି। ପ୍ରତିବର୍ଷ ଖରିଫ ଋତୁରେ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦାବିପତ୍ର ଦିଆଯାଉଛି। କେବଳ ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନାହିଁ। ଶରଧାପୁର, ଲେଖନପୁର ନିକଟରେ ଏକ ଆଡିବନ୍ଧ ନିର୍ମାଣ ସ୍ୱପ୍ନରେ ରହିଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଇ-ଶ୍ରମ କାର୍ଡ ପାଇଁ ଲୁଟୁଛନ୍ତି ଜନସେବା କେନ୍ଦ୍ର



ଜନସେବା କେନ୍ଦ୍ରରେ ଲୋକମାନେ ଧାଡ଼ିରେ ଛିଡା ହୋଇଛନ୍ତି।

**ନିରାକାରପୁର,୨୫।୯(ଡି.ଏନ୍.ଏ.)**

କେନ୍ଦ୍ର ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ କେଉଁ କେଉଁ ବିଭାଗରେ କେତେଜଣ ଶ୍ରମିକ ରହିଛନ୍ତି ଜାଣିବା ପାଇଁ ଇ-ଶ୍ରମ କାର୍ଡ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହି କାର୍ଡ ପାଇଁ କେନ୍ଦ୍ର ସରକାର କୌଣସି ଦେୟ ରଖି ନ ଥିବା ବେଳେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ବିଭିନ୍ନ ଜନସେବା କେନ୍ଦ୍ରରେ ଗୋଟିଏ କାର୍ଡ ପଞ୍ଜୀକରଣ କରାଇବା ପାଇଁ ୪୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ନେଉଥିବା ଅଭିଯୋଗ ହେଉଛି। ଏପରି କି କେତେଜଣ ଯୁବକ ଘରେ ଲାପଟପ ମାଧ୍ୟମରେ ଏହି କାର୍ଡ କରିବା ପାଇଁ ୧୦୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ନେଉଥିବା ଜଣାପଡ଼ିଛି। ଜନସେବା କେନ୍ଦ୍ରମାନଙ୍କରେ ଏହି ଶ୍ରମ କାର୍ଡ କରିବା ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳୁଥିବା ବେଳେ ଏହାର ସୁଯୋଗ ନେଇ କିଛି ଅସାଧୁ କର୍ମଚାରୀ ଏଥିପାଇଁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। କାର୍ଡ କରିବା ପାଇଁ ୫୦ଟଙ୍କା ଦେଇଥିବା ସୁରେନ୍ଦ୍ର ସାହୁ କହିଛନ୍ତି। ସେହିପରି କାର୍ଡ କରିବା ପାଇଁ ୧୦୦ଟଙ୍କା ଦେଇଥିବା ସୁଦର୍ଶନ ପାଇକରାୟ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଡ ପିଛା ୧୬ଟଙ୍କା ମିଳୁଥିବା ବେଳେ ଟଙ୍କା କାହିଁକି ନେଉଛ ବୋଲି ପଚାରିବାରୁ ଜନ ସେବାକେନ୍ଦ୍ର କରିଥିବା ବ୍ୟକ୍ତି ଜଣକ କୁହନ୍ତି, କଲର କାର୍ଡରେ ଲାମିନେସନ କରାଯିବାରୁ ଅଧିକ ଟଙ୍କା ଲାଗୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏନ୍‌ଏସ୍‌ଏସ୍ ଦିବସରେ ଚିତ୍ରକଳା ପ୍ରତିଯୋଗିତା




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ଜାତୀୟ ସେବା ଯୋଜନା ଦିବସ ପାଳନ ଅବସରରେ ଶନିବାର ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ନ୍ୟାଶନାଲ କୋଅପରେଟିଭ ଡେଭଲପ୍‌ମେଣ୍ଟ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏକ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'କୋଅପରେଟିଭ୍‌ର ଉନ୍ନତିରେ ଯୁବସମାଜର ଭୂମିକା' ଶୀର୍ଷକ ପ୍ରତିଯୋଗିତାରେ ମହାବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶ୍ରେଷ୍ଠ ବିବେଚିତ ଶିଳ୍ପୀ ଜ୍ୟୋତିଦେବ ଦେବ ସିଂ, ସୋଫିଆ ଜସ୍‌ମିନ, ଶକ୍ତିରଞ୍ଜନ ବାରିକ ଓ ସୁଜିତ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଚାରୁକଳା ମହାବିଦ୍ୟାଳୟ ସମ୍ପାଦକ ମିହିରକାନ୍ତ ପ୍ରହରାଜ, ଅଧକ୍ଷ ଚନ୍ଦନ କୁମାର ସାମଲ ଓ ନ୍ୟାଶନାଲ କୋଅପରେଟିଭ ଡେଭଲପ୍‌ମେଣ୍ଟ ଅଫ୍ ଇଣ୍ଡିଆର ସଂଯୋଜିକା ଇନ୍ଦୁରେଖା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବ ସମାଜର କୋଅପରେଟିଭ ଉନ୍ନତିରେ ଯୋଗଦାନ ସମ୍ପର୍କରେ କହିଥିଲେ। ଅଧାପିକା ସସ୍ମିତା କାମିଲା, ରାମଶଙ୍କର ସାହୁ, ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ସୃଜନଶୀଳ ଚିତ୍ରକଳାର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା ।

## ସୁବାସ ସିଂଙ୍କ ରେଭେନ୍‌ଶା କଲିଜିଏଟ ସ୍କୁଲ ପରିଦର୍ଶନ

**କଟକ ଅଫିସ,୨୫।୯**

ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଶନିବାର ରେଭେନ୍‌ଶା କଲିଜିଏଟ ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ୫ଟି ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାଳୟର ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ବିଜ୍ଞାନ ପାଠାଗାର, ବାସ୍କେଟବଲ ଓ ହକି ପଡିଆ, ପିଲାଙ୍କ ଶୌଚାଳୟ ଆଦି ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ବିଦ୍ୟାଳୟର ଶତବାର୍ଷିକୀ ଷ୍ଟେଜର ଉଚ୍ଚତା ବଢାଇବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ମୋ ସ୍କୁଲ ଯୋଜନାରେ ଅଧିକରୁ ଅଧିକ ସଂଖ୍ୟକ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରି ବିଦ୍ୟାଳୟ ଉନ୍ନତୀକରଣ ପାଇଁ ସହଯୋଗ କରିବା ଲାଗି ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ପ୍ରତିଷ୍ଠା, ବିଜୁ ପଟ୍ଟନାୟକ ଗୃହ ଉନ୍ନତୀକରଣ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ବୋର୍ଡ ସଭାପତି ରାମାଶିଷ ହାଜରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ, ଶିକ୍ଷକ ପ୍ରଦୀପ ନାୟକ, ନନ୍ଦନ ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ଡ. ପ୍ରଦୀପ ରାଓ, ପୁରାତନ ଶିକ୍ଷକ ବିପିନ ବିହାରୀ ଶତପଥୀ, ବିଶ୍ୱନାଥ ମିଶ୍ର, ଜ୍ଞାନ ରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭକ୍ତମଧୁ ବିଦ୍ୟାପୀଠ ପାଠାଗାର ହେବ ନବୀକରଣ



ବିଧାୟକ ଇଂ. ମହମ୍ମଦ ମୋକିମ୍ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

## ବିଧାୟକଙ୍କ ବିଦ୍ୟାଳୟ ପରିଦର୍ଶନ

**କଟକ ଅଫିସ,୨୫।୯**

ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ କାଜିବଜାର ସ୍ଥିତ ଭକ୍ତମଧୁ ବିଦ୍ୟାପୀଠ ଶନିବାର ପରିଦର୍ଶନ କରିଛନ୍ତି। ବିଧାୟକ ବିଦ୍ୟାଳୟର ଅବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଶିକ୍ଷାନୁଷ୍ଠାନର ନବୀକରଣ ଓ ଉନ୍ନତୀକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରେଣୀଗୃହ, ଶିକ୍ଷକଙ୍କ କମନରୁମ, ପରିସ୍ରାଗାର, ପାଠାଗାର ଓ ଅଫିସ ଗୃହ ଆଦିର ନବୀକରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ଆଲୋଚନା ବେଳେ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ବେହେରା ଓ ସହକାରୀ ଶିକ୍ଷକ ପ୍ରମୁଖ ବିଧାୟକଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ମହିଳା, ଶିଶୁଙ୍କ ପୁଷ୍ଟିଗତ ଉନ୍ନତି ପାଇଁ ବ୍ୟାପକ କାର୍ଯ୍ୟକ୍ରମ

## ୪ର୍ଥ ରାଷ୍ଟ୍ରୀୟ ପୋଷଣ ମାସ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ମହିଳା ଓ ଶିଶୁଙ୍କ ମଧ୍ୟରେ ପୁଷ୍ଟି ସଚେତନତା ସୃଷ୍ଟି ପାଇଁ ରାଜ୍ୟରେ ସେପ୍ଟେମ୍ବରକୁ ଚତୁର୍ଥ ରାଷ୍ଟ୍ରୀୟ ପୋଷଣ ମାସ ଭାବେ ପାଳନ କରାଯାଉଛି। ଏହିପରୀପ୍ରେକ୍ଷୀରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ପ୍ରକଳ୍ପଗୁଡ଼ିକରେ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ୪ ସପ୍ତାହରେ ୪ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲା, ପ୍ରକଳ୍ପ ଏବଂ ଅଙ୍ଗନୱାଡ଼ି ସ୍ତରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଅଙ୍ଗନୱାଡ଼ିଗୁଡ଼ିକ ସହ ଗର୍ଭବତୀ ଓ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ରହିବା ସ୍ଥାନରେ 'ପୋଷଣ ବାଟିକା' କିମ୍ବା 'ମୋ ଉପକାରୀ ବଗିଚା' ସ୍ଥାପନ ପାଇଁ ପ୍ରୋତ୍ସାହିତ କରାଯାଉଛି। ବିଶେଷ କରି ଏହିସବୁ ବଗିଚାର ପନିପରିବା, ଫଳ ଓ ଔଷଧୀୟ ବୃକ୍ଷ ଲଗାଇବାକୁ ପରାମର୍ଶ ଦିଆଯାଉଛି। ଯୋଗର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି ସହ ନିୟମିତ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଛି। ସେହିପରି ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଛତୁଆ, ବାଦାମ ଚିକି, ଅଣ୍ଡା, ଅଟା ଏବଂ ବେସନରୁ ପ୍ରସ୍ତୁତ ଲଡୁ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ରନ୍ଧାଖାଦ୍ୟ ବାବଦକୁ ଶୁଖିଲା ରାଶନ ପୁଷ୍ଟିସାଧନ କିଟ୍ ଭାବେ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଛି।

ମାସର ପ୍ରଥମ ପନ୍ଦର ଦିନ ମଧ୍ୟରେ ମିଶନ ମୋଡ୍‌ରେ ୦-୫ ବର୍ଷ ବୟସର ଶିଶୁଙ୍କ ଓଜନ ମପାଯିବା ସହ ଶରୀର ବୃଦ୍ଧିକୁ ତଦାରଖ କରାଯାଇଛି। ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରି ପୁଷ୍ଟି ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଗ୍ରାମ ସ୍ତରରେ କିଶୋରୀ ଓ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟିନିମନ୍ତେ ରଙ୍ଗୋଲି ପ୍ରତିଯୋଗିତା, ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଖାଦ୍ୟରେ ମାଣ୍ଡିଆ ବ୍ୟବସ୍ଥା ହୋଇଛି।

## ବିଜେଡି ନେତା ଭରତଙ୍କ ପରଲୋକ

**କୋଣାର୍କ, ୨୫।୯(ଡି.ଏନ୍.ଏ.)**

କରମଙ୍ଗା ଗ୍ରାମର ବିଜେଡି ନେତା ଭରତ ଚନ୍ଦ୍ର ନାୟକଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶୁକ୍ରବାର ରାତ୍ର ୩ଟାରେ ହୃଦଘାତ ହେବା ପରେ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନାୟକଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ବଡପୁଅ ବାବୁନି ନାୟକ ମୁଖାଗ୍ନି ଦେଇଥିଲେ । କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୃଜନ ପରିପ୍ରକାଶର ଏକ ମାଧ୍ୟମ ପ୍ରାଚୀରପତ୍ର

## ରୋଜି ମହାପାତ୍ର ସମ୍ବର୍ଦ୍ଧିତ

**ପୁରୀ ଅଫିସ, ୨୫।୯**

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ପ୍ରାଚୀରପତ୍ର 'ଥିଙ୍କ୍ ଇଙ୍କ' ଶନିବାର ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଡକ୍ଟର ଅଶୋକ କୁମାର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରାଚୀର ପତ୍ର ଛାତ୍ରୀଛାତ୍ରଙ୍କ ସୃଜନ ପରିପ୍ରକାଶର ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ସଞ୍ଜୟ କୁମାର ସୁନ୍ଦରାୟ କ୍ୟାଡେଟ୍‌ଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସମାଜସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ କୋଭିଡ ସହାୟତା କେନ୍ଦ୍ର ଖୋଲାଯାଇଥିବା ସୂଚନା ଦେଇଥିଲେ। ସର୍ବଭାରତୀୟ ଏନ୍‌ସିସିର 'ସି' ସାର୍ଟିଫିକେଟ ପରୀକ୍ଷାରେ ଚଳିତ ବର୍ଷ ୫୦୩ ମାର୍କ ରଖିବା ସହ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସିନିୟର ଅଣ୍ଡର ଅଫିସର ରୋଜି ମହାପାତ୍ରଙ୍କୁ ଟ୍ରଫି, ପୁରସ୍କାର ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା।

# ଦେଶାତ୍ମବୋଧକ ସଙ୍ଗୀତରେ କନିକା ପ୍ରଥମ

## ରାଜ୍ୟସ୍ତରୀୟ ପ୍ରତିଯୋଗିତା

**କଟକ ଅଫିସ,୨୫।୯**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା ସେଲ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଶୈଳବାଳା ସ୍ୱୟଂଶାସିତ ସହବିଦ୍ୟାଳୟର ୩ଜଣ ଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ କନିନିକା ଚକ୍ରବର୍ତ୍ତୀ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ଏବଂ ଅମ୍ବିକା ପ୍ରିୟଦର୍ଶନୀ ଓଡ଼ିଆ ପ୍ରବନ୍ଧ ରଚନାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀଙ୍କ ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ଡ. ଯୋଗମାୟା ପଣ୍ଡା, ଶିବାନୀ ଦାଶ ଓ ସରସ୍ୱତୀ ମାଝୀଙ୍କ ସମେତ ଅଧାପିକା, ଅଧାପକମାନେ ଶୁଭେଚ୍ଛା ଜଣାଇଛନ୍ତି।



କଲେଜ କର୍ତ୍ତୃପକ୍ଷଙ୍କ ଗହଣରେ କନିନିକା ଚକ୍ରବର୍ତ୍ତୀ ଏବଂ ଅମ୍ବିକା ପ୍ରିୟଦର୍ଶନୀ।

# ଡକାୟତି ଯୋଜନା ବେଳେ ୪ ଧରାପଡ଼ିଲେ








ଗିରଫ ୪ ଅଭିଯୁକ୍ତ , ଜବତ ମାରଣାସ୍ତ୍ର ଓ ବାଇକ୍ ।

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୫।୯(ଡି.ଏନ୍.ଏ.)**

ଡକାୟତି ପାଇଁ ଯୋଜନା କରୁଥିବାବେଳେ ଜଙ୍କିଆ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାମଚଣ୍ଡୀର ଲକ୍ଷ୍ମଣ ବେହେରା, ଖୋର୍ଦ୍ଧା ସଦରଥାନା ବାରଘରପାଟଣାର ପୀତାମ୍ବର ଭୋଇ(୨୦), ଜଟଣୀ ଥାନା ତିରିମଲର ଲିପନ ନାୟକ(୧୯) ଏବଂ ବେଣାପଞ୍ଜୁରୀ ଗ୍ରାମର ଗଣେଶ୍ୱର ଦାସ(୧୯)। ଏମାନଙ୍କ ନିକଟରୁ ୨ଟି ଲୁହାରଡ, ଖଣ୍ଡା, ୨ଟି ବୋମା, ମଦ ବୋତଲ, ପଲିଥିନ ଭର୍ତ୍ତି ବାରୁଦ, ଗୋଟିଏ ବାଇକ୍ (ଓଡି୦୨ ଏଭି ୪୨୯୦) ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଅନ୍ଧାରର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ଗୋଡିପଡାସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ପଛପାର୍ଶ୍ୱ ଟୋଲଗେଟ ନିକଟରେ କେତେଜଣ ଅସାମାଜିକ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ଏନେଇ ଜଙ୍କିଆ ଥାନା ଅଧିକାରୀ ଶଙ୍କର୍ଷଣ ଖୁଣ୍ଟିଆ ଏସ୍‌ପି ରାଜକିଶୋର ଦୋରାଙ୍କୁ ଅବଗତ କରାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍‌ଡିପିଓ ଶୁଶୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା (୨୧୦/୨୧) ରୁଜୁ ହୋଇଛି। ଏହି ଚଢ଼ାଉରେ ଥାନା ଅଧିକାରୀ ଶଙ୍କର୍ଷଣ ଖୁଣ୍ଟିଆ, ଏସ୍‌ଆଇ ଉମାକାନ୍ତ ସାହୁ, ଏଏସ୍‌ଆଇ ଶରତ ଚନ୍ଦ୍ର ପାଇକରାୟ, କନଷ୍ଟେବଳ ପି.ରାଉତରାୟ, କେ.ଚନ୍ଦ୍ର କିଶାନ ପ୍ରମୁଖ ସାମିଲ ଥିଲେ।

